# NATIONAL NEWS BULLETIN (ODIA)
## 06th April - 2025
## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ପ୍ରଜ୍ଞା ପରିମିତା ଜେନା**

## ମୁଖ୍ୟ ସମ୍ବାଦ

- ପର୍ତ୍ତୁଗାଲ ଏବଂ ସ୍ଲୋଭାକିଆ ଗସ୍ତର ପ୍ରଥମ ପର୍ଯ୍ୟାୟରେ ଆଜି ଲିସ୍‌ବନ୍‌କୁ ଯାତ୍ରା କଲେ ରାଷ୍ଟ୍ରପତି ।
- ତାମିଲ୍‌ନାଡୁରେ ୮ ହଜାର ୩୦୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ରେଳ ଓ ସଡ଼କ ପ୍ରକଳ୍ପର ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ ।
- ଦେଶର ବିଭିନ୍ନ ସ୍ଥାନରେ ଆଜି ଧାର୍ମିକ ଭାବନା ଓ ଉତ୍ସାହର ସହ ପାଳନ କରାଯାଉଛି ରାମନବମୀ ।
- ପ୍ରବଳ ବର୍ଷା କାରଣରୁ ଭୂକମ୍ପ ପ୍ରଭାବିତ ମ୍ୟାଁମାରରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ବ୍ୟାହତ ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଉ କିଛି ସମୟ ପରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଓ ଗୁଜରାଟ୍ ଟାଇଟନ୍‌ସ୍ ମଧ୍ୟରେ ଆରମ୍ଭ ହେବ ମ୍ୟାଚ୍ ।

# ପ୍ରେଜ - ପର୍ତ୍ତୁଗାଲ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ' ପର୍ତ୍ତୁଗାଲ ଏବଂ ସ୍ଲୋଭାକିଆ ଗସ୍ତର ପ୍ରଥମ ପର୍ଯ୍ୟାୟରେ ଆଜି ଲିସ୍‌ବନ୍ ଯାତ୍ରା କରିଛନ୍ତି । ଗସ୍ତ କାଳରେ ଶ୍ରୀମତୀ ମୁର୍ମୁ ପର୍ତ୍ତୁଗାଲ ରାଷ୍ଟ୍ରପତି ମାର୍ସେଲୋ ରିବେଲୋ ଡି ସୌସାଙ୍କ ସହ ପ୍ରତିନିଧିସ୍ତରୀୟ ଆଲୋଚନାରେ ଅଂଶଗ୍ରହଣ କରିବେ । ସେ ମଧ୍ୟ ପର୍ତ୍ତୁଗାଲର ପ୍ରଧାନମନ୍ତ୍ରୀ ଲୁଇସ୍ ମଣ୍ଟେନିଗ୍ରୋ ଏବଂ ନ୍ୟାସନାଲ ଆସେମ୍ବ୍ଲିର ଅଧ୍ୟକ୍ଷ ଜୋସ୍ ପେଡ୍ରୋ ଆଗ୍ୱିଆର୍-ବ୍ରାଙ୍କୋ'ଙ୍କ ସହ ଆଲୋଚନା କରିବେ ।

ସେହିଭଳି ସ୍ଲୋଭାକିଆରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସେଠାକାର ରାଷ୍ଟ୍ରପତି ପିଟର ପେଲିଗ୍ରିନି ଏବଂ ପ୍ରଧାନମନ୍ତ୍ରୀ ରବର୍ଟ ଫିକୋଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

ଦୀର୍ଘ ୨୭ ବର୍ଷର ବ୍ୟବଧାନ ପରେ ଭାରତର ରାଷ୍ଟ୍ରପତିଙ୍କର ଏହା ହେଉଛି ପ୍ରଥମ ପର୍ତ୍ତୁଗାଲ ଗସ୍ତ । ଉଭୟ ଦେଶ କୂଟନୈତିକ ସମ୍ପର୍କର ୫୦ ବର୍ଷ ପୂର୍ତ୍ତି ପାଳନ କରୁଛନ୍ତି । ରାଷ୍ଟ୍ରପତିଙ୍କର ଏହି ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବାର ଆଶା କରାଯାଇଛି ।

ସେହିଭଳି ୨୯ବର୍ଷ ପରେ ଭାରତର ରାଷ୍ଟ୍ରପତି ପ୍ରଥମଥର ପାଇଁ ସ୍ଲୋଭାକିଆ ଗସ୍ତରେ ଯାଉଛନ୍ତି । ରାଷ୍ଟ୍ରପତିଙ୍କର ଏହି ଗସ୍ତ ଭାରତ ସହିତ ପର୍ତ୍ତୁଗାଲ ଓ ସ୍ଲୋଭାଭିଆ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ବ୍ୟାପକ ଏବଂ ସୁଦୃଢ଼

କରିବା ଦିଗରେ ସୁଯୋଗ ସୃଷ୍ଟି କରିବ । ଏହା ମଧ୍ୟ ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ସମ୍ପର୍କକୁ ମଜବୁତ୍ କରିବାରେ ସହାୟକ ହେବ ବୋଲି କୁହାଯାଇଛି ।

## ପି.ଏମ୍. - ତାମିଲ୍‌ନାଡୁ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଦେଶର ସମସ୍ତ ଭାଗରେ ଭିତ୍ତିଭୂମି ସୁଦୃଢ଼ କରିବା ଏବଂ ସଂଯୋଗ ସ୍ଥାପନ କରିବା ଲାଗି ସରକାର ଗତ ୧୦ ବର୍ଷ ମଧ୍ୟରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ପ୍ରଧାନମନ୍ତ୍ରୀ ରାମେଶ୍ୱରମ୍‌ଠାରେ ପମ୍ବନ ଭର୍ଟିକାଲ୍ ଲିଫ୍ଟ ସାମୁଦ୍ରିକ ସେତୁକୁ ଉଦ୍‌ଘାଟନ କରିବା ସହ ତାମିଲ୍‌ନାଡୁରେ ୮ ହଜାର ୩୦୦ କୋଟି ଟଙ୍କା ବ୍ୟୟରେ ରେଳ ଏବଂ ସଡ଼କ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ରାମେଶ୍ୱରମ୍‌ଠାରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ଦେଶର ବିକାଶ କ୍ଷେତ୍ରରେ ତାମିଲ୍‌ନାଡୁର ବିକାଶର ଅବଦାନ ରହିଛି ।

***Voice :..........***

ଭର୍ଟିକାଲ୍ ଲିଫ୍ଟ ସାମୁଦ୍ରିକ ସେତୁ ବିଂଶ ଶତାବ୍ଦୀର ଏକ ଆଶ୍ଚର୍ଯ୍ୟ ବୋଲି କହିବା ସହ ଏହାର ନିର୍ମାଣ କାର୍ଯ୍ୟରେ ନିୟୋଜିତ ଇଞ୍ଜିନିୟର୍‌ମାନଙ୍କୁ ସେ ଶୁଭେଚ୍ଛା ଏବଂ ଧନ୍ୟବାଦ ଜଣାଇଛନ୍ତି । ଏହା ବ୍ୟବସାୟ, ପର୍ଯ୍ୟଟନ ଏବଂ

କର୍ମନିଯୁକ୍ତି ଯୋଗାଇଦେବାରେ ସହାୟକ ହେବ ବୋଲି ଶ୍ରୀ ମୋଦି କହିଛନ୍ତି ।

ଏହି ସେତୁର ଆନୁମାନିକ ଜୀବନକାଳ ୫୮ବର୍ଷ ବୋଲି ଆକଳନ କରାଯାଇଛି । ଏଥିରେ ଏକ ସ୍ୱୟଂଚାଳିତ ଇଲେକ୍ଟ୍ରୋ ମେକାନିକାଲ ଲିଫ୍ଟ ସିଷ୍ଟମ ରହିଛି । ଯାହା ପୋଲକୁ ୧୭ମିଟର ପର୍ଯ୍ୟନ୍ତ ଉପରକୁ ଉଠାଇବାରେ ସହାୟକ ହୋଇଥାଏ । ୫୫୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ସେତୁ ରାମାୟଣର ଗଭୀର ସାଂସ୍କୃତିକ ମହତ୍ୱକୁ ବହନ କରୁଛି । ରାମେଶ୍ୱରମର ମୁଖ୍ୟ ଭୂମି ସହ ଏହି ସେତୁ ସଂଯୋଗ ସ୍ଥାପନ କରିଛି ।

ତାମିଲ୍‌ନାଡୁରେ ଭିତ୍ତିଭୂମି ବିକାଶକୁ ସରକାର ପ୍ରାଥମିକତା ଦେଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଚଳିତ ରେଳ ବଜେଟ୍‌ରେ ତାମିଲ୍‌ନାଡୁ ପାଇଁ ଆର୍ଥିକ ରାଶି ୭ ଗୁଣ ବୃଦ୍ଧି କରାଯାଇଛି । ୨୦୧୪ ମସିହା ପୂର୍ବରୁ ତାମିଲ୍‌ନାଡୁ ପାଇଁ ରେଳ ପ୍ରକଳ୍ପ କ୍ଷେତ୍ରରେ ବାର୍ଷିକ ୯ ଶହ କୋଟି ଟଙ୍କା ଦିଆଯାଉଥିବାବେଳେ ଚଳିତ ରେଳ ବଜେଟ୍‌ରେ ତାମିଲ୍‌ନାଡୁକୁ ୬ ହଜାର କୋଟି ଟଙ୍କା ଦିଆଯାଇଛି । ରାଜ୍ୟର ରାମେଶ୍ୱରମ୍ ସମେତ ୭୭ଟି ରେଳଷ୍ଟେସନକୁ ଆଧୁନିକୀକରଣ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ତାମିଲ୍‌ନାଡୁର ପୁରାତନ ସଂସ୍କୃତି ଏବଂ ଭାଷା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ଶ୍ରୀ ମୋଦି ରାଜ୍ୟ ସରକାରଙ୍କୁ ମେଡିକାଲ୍ ଛାତ୍ରଛାତ୍ରୀମାନଙ୍କୁ ନିଜ ମାତୃଭାଷାରେ ଅଧ୍ୟୟନ କରିବାପାଇଁ ଅନୁମତି ଦେବାକୁ ଅନୁରୋଧ କରିଛନ୍ତି ।

ଶ୍ରୀ ମୋଦି କହିଛନ୍ତି, କେନ୍ଦ୍ର ସରକାରଙ୍କ ଉଦ୍ୟମ ଫଳରେ ଗତ ୧୦ ବର୍ଷ ମଧ୍ୟରେ ୩ ହଜାର ୭ ଶହ ମତ୍ସ୍ୟଜୀବୀ ଏବଂ କେବଳ ଚଳିତ ବର୍ଷ ୬ ଶହ ମତ୍ସ୍ୟଜୀବୀଙ୍କୁ ଶ୍ରୀଲଙ୍କା ଜେଲ୍‌ରୁ ମୁକ୍ତ କରାଯାଇଛି ବୋଲି ଶ୍ରୀ ମୋଦି କହିଛନ୍ତି ।

## ଅମିତ୍ ଶହା ଭିଜିଟ୍ ରାଜସ୍ଥାନ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ରାଜସ୍ଥାନ ଗସ୍ତରେ ଯାଇ କୋଟ୍‌ପୁତ୍‌ଲି-ବାହାଦୁର ଜିଲ୍ଲା ଅନ୍ତର୍ଗତ ପାଓ୍ୱଟା'ଠାରେ ଏକ ଧାର୍ମିକ ସଭାରେ ଅଂଶଗ୍ରହଣ କରିଛନ୍ତି । ବାଓ୍ୱଡ଼ି'ଠାରେ ଯୋଗୀ ବାବା ବଲ୍‌ନାଥଙ୍କ ତପସ୍ଥଳୀରେ ଆୟୋଜିତ ୧୦୮ କୁଣ୍ଡୀୟ ରୁଦ୍ର ମହାମୃତ୍ୟୁଞ୍ଜୟ ମହାଯଜ୍ଞର ସମାପନ ଉତ୍ସବରେ ଯୋଗ ଦେଇଛନ୍ତି । ଶ୍ରୀ ଶାହା ସନାତନ ଧର୍ମ ସମ୍ମିଳନୀରେ ଉଦ୍‌ବୋଧନ ଦେଇ କହିଛନ୍ତି, ବାବା ବଲ୍‌ନାଥ ଜନକଲ୍ୟାଣ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ସହ ପ୍ରାଣୀ ଓ ପକ୍ଷୀଙ୍କ ସେବା, ପରିବେଶ ସୁରକ୍ଷା, ସାମାଜିକ ସଂହତି କ୍ଷେତ୍ରରେ କାର୍ଯ୍ୟ କରିଥିଲେ । ସନାତନ ଧର୍ମର ପ୍ରସାର ନିମନ୍ତେ ନାଥ ସମ୍ପ୍ରଦାୟର ଲୋକମାନେ କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ଶାହା କହିଛନ୍ତି । ରାଜସ୍ଥାନ ସମେତ ବିଭିନ୍ନ ରାଜ୍ୟରୁ ବହୁସଂଖ୍ୟାରେ ଶ୍ରଦ୍ଧାଳୁ ଏହି ଧାର୍ମିକ ସଭାରେ ଯୋଗ ଦେଇଛନ୍ତି । ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଏହି ସମାବେଶରେ ଉଦ୍‌ବୋଧନ ଦେଇଛନ୍ତି ।

# ପ୍ରେଜ-ପି.ଏମ୍. ରାମନବମୀ

ଦେଶର ବିଭିନ୍ନ ସ୍ଥାନରେ ଆଜି ଧାର୍ମିକ ଭାବନା ଏବଂ ଉତ୍ସାହର ସହ ରାମନବମୀ ପାଳନ କରାଯାଉଛି । ଏହି ପର୍ବରେ ଭଗବାନ ବିଷ୍ଣୁଙ୍କ ସପ୍ତମ ଅବତାରରେ ଭଗବାନ ଶ୍ରୀରାମଙ୍କ ଜନ୍ମକୁ ପାଳନ କରାଯାଇଥାଏ ।

ଅଯୋଧ୍ୟାରେ ଆଜି ଭଗବାନ ଶ୍ରୀରାମଙ୍କ ଜନ୍ମଦିବସ ପାଇଁ ବହୁସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଛି । ସେଠାରେ ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ମଧ୍ୟାହ୍ନ ୧୨ଟା ସମୟରେ ରାମଲାଲାଙ୍କ ମସ୍ତକରେ ସୂର୍ଯ୍ୟଙ୍କର କିରଣ ସିଧାସଳଖ ଭାବେ ୪ ମିନିଟ୍ ପର୍ଯ୍ୟନ୍ତ ପଡି ରହିଥିଲା । ଏହି ଐତିହାସିକ ମୁହୂର୍ତ୍ତକୁ ଦେଶବାସୀ ସିଧା ପ୍ରସାରଣ ମାଧ୍ୟମରେ ଦେଖିଥିଲେ । ଶ୍ରଦ୍ଧାଳୁଙ୍କ ଉପରେ ପ୍ରଥମଥର ପାଇଁ ଡ୍ରୋନ୍ ମାଧ୍ୟମରେ ସରଯୁ ନଦୀର ଜଳ ସିଞ୍ଚନ କରାଯାଇଥିଲା । ଅଯୋଧ୍ୟାରେ ଆଜି ୨ଲକ୍ଷରୁ ଅଧିକ ଦ୍ୱୀପ ପ୍ରଜ୍ୱଳନ କରାଯାଉଛି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପବିତ୍ର ରାମନବମୀ ଉପଲକ୍ଷେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି, ଏହି ପର୍ବ ଭଗବାନ ରାମଙ୍କ ଜନ୍ମବାର୍ଷିକୀକୁ ସୂଚାଇଥାଏ । ଭଗବାନ ରାମଙ୍କ ମହତ୍‌ବାଣୀ ଓ ଜୀବନଯାତ୍ରା ସମସ୍ତଙ୍କୁ

ସତ୍ୟ, ଧର୍ମ ଏବଂ ନୈତିକତାର ମାର୍ଗ ଅନୁସରଣ କରିବା ପାଇଁ ପ୍ରେରଣା ଯୋଗାଇଥାଏ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାମନବମୀ ଉପଲକ୍ଷେ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି, ପ୍ରଭୁ ଶ୍ରୀରାମଙ୍କର ଆର୍ଶୀବାଦ ସମସ୍ତଙ୍କ ଉପରେ ରହୁ ଏବଂ ସମସ୍ତଙ୍କୁ ଉଚିତ ମାର୍ଗଦର୍ଶନ କରୁଥା'ନ୍ତୁ ।

## ମ୍ୟାଁମାର - ରେନ୍‌ସ ହାମ୍ପର ରିଲିଫ୍

ଭୂକମ୍ପ ପ୍ରଭାବିତ ମ୍ୟାଁମାର୍‌ରେ ପ୍ରବଳ ବର୍ଷା କାରଣରୁ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ବ୍ୟାହତ ହୋଇଛି । ଗତମାସ ୨୮ ତାରିଖରେ ହୋଇଥିବା ଭୟଙ୍କର ଭୂମିକମ୍ପରେ ପ୍ରାୟ ୩ ହଜାର ୪୭୧ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୪ ହଜାର ୬ ଶହରୁ ଊର୍ଦ୍ଧ୍ୱ ଆହତ ଏବଂ ୨୧୪ ଜଣ ନିଖୋଜ ଥିବା ସୂଚନା ମିଳିଛି । ଭୂକମ୍ପର କେନ୍ଦ୍ରସ୍ଥଳ ଥିବା ମ୍ୟାଁମାର୍‌ର ମାଣ୍ଡେଲେ ଅଞ୍ଚଳରେ ପ୍ରବଳ ବର୍ଷା ଏବଂ ପବନ ଯୋଗୁଁ ଅସ୍ଥାୟୀ ଶିବିରଗୁଡ଼ିକ ନଷ୍ଟ ହୋଇଛି । ସେଠାରେ ଝାଡ଼ାବାନ୍ତି ଏବଂ ଅନ୍ୟାନ୍ୟ ସଂକ୍ରାମକ ରୋଗ ବ୍ୟାପିବାର ସମ୍ଭାବନା ରହିଛି । ମ୍ୟାଁମାର୍‌ର ରାଜଧାନୀ ସମେତ ୬ଟି ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି । ୫ ହଜାରରୁ ଊର୍ଦ୍ଧ୍ୱ କୋଠାଘର ଏବଂ ବହୁସଂଖ୍ୟାରେ ସ୍କୁଲ୍, ମନ୍ଦିର, ଡାକ୍ତରଖାନା ଏବଂ ସେତୁ କ୍ଷତିଗ୍ରସ୍ତ ହୋଇଛି ।

ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ମ୍ୟାଁମାର୍‌ର ସେନା ମୁଖ୍ୟ ମିନ୍ ଅଙ୍ଗ୍ ଲାଇଙ୍ଗ୍ ଆଜି ମାଣ୍ଡେଲେସ୍ଥିତ ଭାରତୀୟ ସେନା ହସ୍ପିଟାଲ୍ ପରିଦର୍ଶନ କରିଛନ୍ତି । 'ଅପରେସନ୍ ବ୍ରହ୍ମା'ର ଅଂଶସ୍ୱରୂପ ସେଠାକୁ ଫିଲ୍ଡ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

## ପଞ୍ଜାବ - ଫାର୍ମର୍ ଲିଡ଼ର

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ନିବେଦନକ୍ରମେ ପଞ୍ଜାବର ବରିଷ୍ଠ କୃଷକ ନେତା ଜଗଜିତ୍ ସିଂହ ଦାଲେୱାଲ୍ ଆଜି ଫତେଗଡ଼ ସାହିବଠରେ ତାଙ୍କର ଅନଶନ ଧର୍ମଘଟ ଭଙ୍ଗ କରିଛନ୍ତି । ଶ୍ରୀ ଚୌହାନ କହିଛନ୍ତି, ସେମାନଙ୍କ ଦାବି ସମ୍ପର୍କରେ କେନ୍ଦ୍ର ସରକାରଙ୍କ ପ୍ରତିନିଧି ଏବଂ କୃଷକ ସଙ୍ଗଠନ ମଧ୍ୟରେ ଆଲୋଚନା ଜାରି ରହିଛି । ମଇ ମାସ ୪ ତାରିଖବେଳକୁ ଉଭୟ ପକ୍ଷ ମଧ୍ୟରେ ଆଲୋଚନା କରାଯିବାର କାର୍ଯ୍ୟସୂଚୀ ରହିଛି ବୋଲି ମନ୍ତ୍ରୀ କହିଛନ୍ତି । କେନ୍ଦ୍ର ରେଳ ଓ ଖାଦ୍ୟ ପ୍ରକ୍ରିୟାକରଣ ରାଷ୍ଟ୍ରମନ୍ତ୍ରୀ ରଭନୀତ ସିଂହ ବିଟୁ ମଧ୍ୟ କୃଷକ ନେତାଙ୍କୁ ଅନଶନ ପ୍ରତ୍ୟାହାର କରିବାପାଇଁ ଅପିଲ୍ କରିଥିଲେ ।

## ସୁଦର୍ଶନ ପଟ୍ଟନାୟକ - ସ୍ୟାଣ୍ଡ୍ ଆର୍ଟ ଆୱାର୍ଡ଼

ବିଶିଷ୍ଟ ଭାରତୀୟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କୁ ସମ୍ମାନଜନକ 'ଫ୍ରେଡ୍ ଡାରିଙ୍ଗ୍‌ଟନ୍ ସ୍ୟାଣ୍ଡ ମାଷ୍ଟର' ପୁରସ୍କାରରେ ସମ୍ମାନିତ କରାଯାଇଛି । ବାଲୁକା ଶିଳ୍ପ କ୍ଷେତ୍ରରେ ତାଙ୍କର ଅନନ୍ୟ ଅବଦାନ ନିମନ୍ତେ ଇଂଲଣ୍ଡର ଡୋରସେଟ୍'ଠାରେ ଆୟୋଜିତ ଅନ୍ତର୍ଜାତୀୟ ବାଲୁକା ଉତ୍ସବ "ସ୍ୟାଣ୍ଡୱାର୍ଲଡ଼-୨୦୨୫"ରେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଶ୍ରୀ ପଟ୍ଟନାୟକ ବିଶ୍ୱଶାନ୍ତିର ବାର୍ତ୍ତା ପ୍ରଦାନ କରୁଥିବା ଏକ ୧୦ ଫୁଟ ଉଚ୍ଚତାବିଶିଷ୍ଟ ବାଲୁକା ଗଣେଶ ମୂର୍ତ୍ତି ନିର୍ମାଣ କରିଥିଲେ । ବ୍ରିଟିଶ୍ ସ୍ଥପତି ଫ୍ରେଡ୍ ଡାରିଙ୍ଗ୍‌ଟନ୍‌ଙ୍କ ୧୦୦ତମ ଜନ୍ମବାର୍ଷିକୀ ସ୍ମରଣ ଉଦ୍ଦେଶ୍ୟରେ ଚଳିତ ବର୍ଷ ଏହି ସ୍ୱତନ୍ତ୍ର ପୁରସ୍କାରରେ ତାଙ୍କୁ ସମ୍ମାନିତ କରାଯାଇଛି ।

ଓଡ଼ିଶାର ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ପ୍ରାୟ ୬୫ରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ ଏବଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସୁନାମ ଅର୍ଜନ କରିଛନ୍ତି ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଉ କିଛି ସମୟ ପରେ ହାଇଦ୍ରାବାଦର ରାଜୀବ ଗାନ୍ଧି ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ଠାରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଏବଂ

ଗୁଜୁରାଟ ଟାଇଟନ୍ସ ମଧ୍ୟରେ ମୁକାବିଲା ହେବ । ପ୍ରଥମେ ଗୁଜରାଟ ଟାଇଟନ୍ସ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

ପଏଣ୍ଟ ତାଲିକାରେ ଦିଲ୍ଲୀ କ୍ୟାପିଟାଲ୍ସ ୬ ପଏଣ୍ଟ ସହ ଶୀର୍ଷରେ ଥିବାବେଳେ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ଗୁଜୁରାଟ ଟାଇଟନ୍ସ ୪ ପଏଣ୍ଟ ସହ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହିଛନ୍ତି ।

*****